୧୦୪ ବର୍ଷର ପ୍ରକାଶନ
ଦୈନିକ ସଂସ୍କରଣ : ଆର୍.ଏନ୍.ଆଇ.ନଂ. ୪୦୦୫/୫୭
ପି.ଆର୍. ନଂ. ସିକେ(ସି)/୧୭/୨୦୨୧-୨୦୨୩
104 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- କଟକ, ମଙ୍ଗଳବାର ୨୬ ଡିସେମ୍ବର ୨୦୨୩
- Cuttack, Tuesday 26 December 2023
- ଆଜି ଧନୁ ୧୧ ଦିନ, ୧୪୩୧ ସାଲ
- ପୌଷ ୫ ଦିନ, ୧୯୪୫ ଶକାବ୍ଦ, ପୂର୍ଣ୍ଣିମା
- ଖଣ୍ଡ- ୯୪ ସଂଖ୍ୟା- ୩୫୭
- www.thesamaja.com
www.samajaepaper.com
www.samajalive.in

ଟ ୭.୦୦ (୧୬ ପୃଷ୍ଠା)

# ସମାଜ®
The Samaja
ପ୍ରତିଷ୍ଠାତା- ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, JEYPORE

ନ ସାମ୍ପରାୟଃ ପ୍ରତିଭାତି ବାଳଂ ପ୍ରମାଦ୍ୟନ୍ତଂ ବିତ୍ତମୋହେନ ମୂଢ଼ମ୍ ।
ଅୟଂ ଲୋକୋ ନାସ୍ତି ପର ଇତି ମାନୀ ପୁନଃ ପୁନର୍ବଶମାପଦ୍ୟତେ ମେ ।।
(କଠୋପନିଷଦ୍ - ୨/୬)



ଯେଉଁମାନେ ସଂସାରର ଧନ ଆଦି ମୋହରେ ପଡ଼ିଥାନ୍ତି ସେମାନଙ୍କୁ ପରଲୋକ ତତ୍ତ୍ୱ ଦୃଷ୍ଟିଗୋଚର ହୁଏ ନାହିଁ । ଏ ଜଗତ ହିଁ ସତ୍ୟ ଓ ଏହା ବ୍ୟତୀତ ଆଉ ଅନ୍ୟ ଲୋକ କିଛି ନାହିଁ ବୋଲି ସେମାନେ ଧରି ନିଅନ୍ତି । ବାରମ୍ବାର ଏମାନଙ୍କୁ ଜନ୍ମ ନେବାକୁ ହୁଏ ।

# ନିରକ୍ଷର ହେଉଛନ୍ତି ହିନ୍ଦୀରେ ସାକ୍ଷର

## ୧୦୬୪ ପାଇଲେଣି ଶିକ୍ଷା

ଭୁବନେଶ୍ୱର, ୨୫।୧୨(ନି.ପ୍ର): ହିନ୍ଦୀ ହେଉଛି ରାଷ୍ଟ୍ର ଭାଷା । କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ଏବଂ ହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକରେ ମଧ୍ୟ ଏହି ଭାଷାକୁ ସରକାରୀ କାର୍ଯ୍ୟାଳୟରେ ଲିଖିତ ଭାଷା ରୂପେ ବ୍ୟବହାର କରାଯାଉଛି । କିନ୍ତୁ ଅନେକ ବ୍ୟକ୍ତି ହିନ୍ଦୀରେ କହିପାରନ୍ତି ନାହିଁ କି ଲେଖି ପାରନ୍ତି ନାହିଁ । କିଛି ବ୍ୟକ୍ତି ପ୍ରାଞ୍ଜଳ ଭାବେ କହିପାରନ୍ତି, ହେଲେ ଲେଖି ପାରନ୍ତି ନାହିଁ । ଓଡ଼ିଶା ଭଳି ରାଜ୍ୟରୁ ବାହାର ରାଜ୍ୟକୁ ଯିବାକୁ ହେଲେ ଯୋଗାଯୋଗ ପାଇଁ ହିନ୍ଦୀ ଭାଷାର ମହତ୍ତ୍ୱ ରହିଛି । ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାର ଲୋକଙ୍କୁ ହିନ୍ଦୀ ଭାଷା ଶିକ୍ଷା ଦେଇ ରୋଜଗାରକ୍ଷମ କରିବା ପାଇଁ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ହିନ୍ଦୀ ଭାଷା ଶିକ୍ଷାଦାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

କୋରାପୁଟରେ ଏମିତି ଅନେକ ଅଞ୍ଚଳ ରହିଛି ଯେଉଁଠି ଲୋକେ ଓଡ଼ିଆ ଭାଷା କହୁଥିଲେ ମଧ୍ୟ ଓଡ଼ିଆରେ ଧାଡ଼ିଏ ଲେଖି ପାରନ୍ତି ନାହିଁ କି ପଢ଼ି ପାରନ୍ତି ନାହିଁ । ଓଡ଼ିଆ ନିରକ୍ଷରଙ୍କୁ ହିନ୍ଦୀରେ ସାକ୍ଷର କରିବା ପାଇଁ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରୁଛି । ବିଶ୍ୱ ହିନ୍ଦୀ ସାକ୍ଷରତା ଜାତୀୟ ମହତ୍ତ୍ୱକୁ ଅନୁସରଣ କରି ପ୍ରାରମ୍ଭିକ ପର୍ଯ୍ୟାୟରେ କୋରାପୁଟ ସୁନାବେଡ଼ାସ୍ଥିତ ବିଶ୍ୱବିଦ୍ୟାଳୟ ପରିସର ଏବଂ ପରିସର ବାହାରୁ ଅନୁସୂଚିତ ଜାତି ଓ ଜନଜାତିର ୧୦୬୪ ନିରକ୍ଷରଙ୍କୁ ହିନ୍ଦୀ ଶିକ୍ଷା ଦିଆଯାଉଛି । ପରବର୍ତ୍ତୀ ଅବସ୍ଥାରେ ୧ଲକ୍ଷ ଲୋକଙ୍କୁ ଏହି ଭାଷାରେ ସାକ୍ଷର କରିବା ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୋଜନା ପ୍ରସ୍ତୁତି ଚାଲିଛି । ଏଥିପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ କୋରାପୁଟର ଜନସଂଖ୍ୟା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସଂକ୍ରାନ୍ତୀୟ ତଥ୍ୟ ସଂଗ୍ରହ କରାଯାଉଛି । ଜିଲାରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଓ ଅଧୁନା କର୍ମରତ ଶିକ୍ଷକ ଓ ଅଧ୍ୟାପକଙ୍କୁ ନେଇ ଆଦିବାସୀ ଲୋକଙ୍କୁ ହିନ୍ଦୀ ଶିକ୍ଷା ଦିଆଯିବାର ଯୋଜନା ରହିଛି । ଯେଉଁମାନେ ଏହି ଶିକ୍ଷା ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନାମଲେଖାଇବେ ସେମାନେ ଶ୍ରେଣୀଗୃହକୁ ଆସି ପାଠ ପଢ଼ିବା ପାଇଁ ସମସ୍ତ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯିବ ।

ସ୍ଥାନୀୟ ଅଞ୍ଚଳର ଲୋକେ ହିନ୍ଦୀ ଭାଷା ଶିକ୍ଷା ଗ୍ରହଣ କରିବା ଦ୍ୱାରା ବାହାର ରାଜ୍ୟକୁ ଯାଇ ଚାକିରି ଓ ଶ୍ରମ କରି ଅର୍ଥ ଉପାର୍ଜନ କରିପାରିବେ ବୋଲି କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଚକ୍ରଧର ତ୍ରିପାଠୀ ଆଶା ପୋଷଣ କରିଛନ୍ତି । କୋରାପୁଟର ଜଗା ମାଡକାମୀ, ରମା ମାଡକାମୀ ଏବଂ ଦୁଲା ସୋଡ଼ିଙ୍କ ପରିବାର ଲୋକ ହିନ୍ଦୀ ଶିକ୍ଷା ଗ୍ରହଣ କରିଥିବାରୁ ଖୁସିବ୍ୟକ୍ତ କରିଛନ୍ତି ।